ନ୍ୟୁ ଅପୋଷ୍ଟଲିକ ଚର୍ଚ୍ଚ
ଇଣ୍ଡିଆ

# ଧନ୍ୟବାଦ ଅର୍ପଣ ୨୦୨୪

ପ୍ରିୟ ଭାଇ ଓ ଭଉଣୀମାନେ,

ବଡ଼ ହେବା ସମୟରେ,ଆମ ପିତାମାତା ଶିକ୍ଷା ଦିଅନ୍ତି ଯେତେବେଳେ ଆମକୁ କିଛି ଦିଆଯାଏ ଆମେ "ଧନ୍ୟବାଦ" କହିବା, ଆମେ ଯାହା ପାଇଅଛୁ ସେହି ବିଷୟକୁ ପ୍ରିୟଜ୍ଞାନ କରିବା ଓ ମହତ୍ତ୍ୱ ଦେବାକୁ ଶିଖାଇଥାନ୍ତି । ଏହି ଦ୍ରୁତ ଗତିଶୀଳ ଦୁନିଆରେ ଆମେ ଗୋଟିଏ ସପ୍ତାହରୁ ଆଉ ଏକ ସପ୍ତାହ ଓ ଗୋଟିଏ ଘଟଣାରୁ ଆଉ ଏକ ଘଟଣାକୁ ଗତି କରିଥାଉ । ମନେହେଉଛି ଆମେ ମୁହୂର୍ତ୍ତଗୁଡିକୁ ଉପଭୋଗ କରିବା ପାଇଁ, ଅନୁଭୂତିଗୁଡିକ ଉପରେ ପ୍ରତିଫଳିତ କରିବାକୁ ଓ ଆମ ହାତରେ ଥିବା ଅତି ଛୋଟ ସୁଯୋଗକୁ ପ୍ରକୃତରେ ପ୍ରିୟଜ୍ଞାନ କରିବା ପାଇଁ ବହୁ କଷ୍ଟରେ ସମୟ ଦେଇପାରୁ ।

ଅକ୍ଟୋବର ୬,୨୦୨୪ ରବିବାର ଦିନ ଯେତେବେଳେ ଆମେ ଆମ ଚ଼ର୍ଚ୍ଚର ଧନ୍ୟବାଦ ଅର୍ପଣ ଦିବସର ନିକଟବର୍ତ୍ତୀ ହେଉ, ଆସୁ ଆମେ ଅଟକି ଯିବା ଓ ଆଶ୍ଚର୍ଯ୍ୟକ୍ରିୟା, ଅଦ୍ଭୁତ ଲକ୍ଷଣ ଗୁଡିକୁ ବିବେଚନା କରିବା ଯାହା ପରମେଶ୍ୱର କରିଛନ୍ତି (୧ ବଂଶାବଳି ୧୬:୧୩) । ପରେମେଶ୍ୱର ଆମକୁ ଜୀବନ ଦେଇଛନ୍ତି, ଆମେ ତାହାଙ୍କ ମହାନ ସୃଷ୍ଟିର ଅଂଶ ଅଟୁ, ପରମେଶ୍ୱର ସଦାପ୍ରଭୁ ଅଟନ୍ତି ଓ ନିରନ୍ତର ନିଜ ସୃଷ୍ଟିର ଯତ୍ନ ନିଅନ୍ତି । ଈଶ୍ୱର ଆମକୁ ପ୍ରେମ କରନ୍ତି, ମନୁଷ୍ୟକୁ ପରିତ୍ୟାଗ କରି ନାହାଁନ୍ତି । ଆମର ଆଚ଼ରଣ ପ୍ରତି ଦୃଷ୍ଟି ନ ଦେଇ ଆମ ପ୍ରତି ନିରନ୍ତର ଦୟା କରନ୍ତି । ଆମେ ଈଶ୍ୱରଙ୍କ ପ୍ରେମ,ଅନୁଗ୍ରହ ଓ ବିଶ୍ୱସ୍ତତା ଉପରେ ନିର୍ଭର କରିପାରିବା ।

ଏନ୍‌ଏସି ଗୀତବହି ଗୀତ ୧୭୭ (ଭାରତୀୟ ୨୫୦ ସଂଖ୍ୟା ବିଶିଷ୍ଟ ଗୀତ ବହିର ୬୩ ଗୀତ) "ତୁମର ଆଶୀର୍ବାଦଗୁଡିକୁ ଗଣନା କର ଓ ସେଗୁଡିକୁ ଗୋଟି ଗୋଟି କରି ନାମିତ କର" ଆମ ପାଇଁ ଉତ୍ତମ ଉପଦେଶ ଅଟେ, ଜାଣିବା ଯେ ସମସ୍ତ ବିଷୟ ଈଶ୍ୱରଙ୍କଠାରୁ ଆସେ ଓ ଆମେ ସମ୍ପୂର୍ଣ୍ଣ ରୂପେ ତାହାଙ୍କଠାରେ ନିର୍ଭରଶୀଳ ଅଟୁ । ଯଦ୍ୟପି ଆମ ଜୀବନ ପରସ୍ପରଠାରୁ ଅତ୍ୟନ୍ତ ଭିନ୍ନ ଅଟେ, ଆମେ ସୃଷ୍ଟିର ଭାଗୀଦାରୀ ଅଟୁ, ଆମେ ସମସ୍ତେ ମଙ୍ଗଳଦାନ ପ୍ରାପ୍ତ ହୋଇଛୁ, ଆମେ ଈଶ୍ୱରଙ୍କ ପ୍ରେମ ତାହାଙ୍କର ଅନୁଗ୍ରହ ଓ ବିଶ୍ୱସ୍ତତା ଅନୁଭବ କରୁ, ଯାହା ଆମକୁ ଆବୃତ୍ତ କରେ । ସେ ଆମର ପରିତ୍ରାଣ ଚାହାଁନ୍ତି ଓ ଆମ ସହିତ ଅନନ୍ତ ସହଭାଗିତା ଚାହାଁନ୍ତି । ଏହା ସହିତ ଆମେ ପ୍ରତ୍ୟେକେ ଆମ୍ଭମାନଙ୍କ ଜୀବନରେ ଅନେକ ଅନ୍ୟ ଆଶୀର୍ବାଦ ଗୁଡିକୁ ନାମିତ କରି ପାରିବା ।

ଯେତେବେଳେ ଆମେ ଆମର ତ୍ରିବିଧ ଈଶ୍ୱରଙ୍କୁ ଉପାସନା କରୁ ଆମେ ପ୍ରଶଂସା,ଆରାଧନା ଓ ଧନ୍ୟବାଦ କରିବାକୁ ଅନୁପ୍ରାଣିତ ହେଉ । ଆମେ ନୈବେଦ୍ୟ ଆଣିବା ଦ୍ୱାରା ସୁସମାଚାର ପ୍ରସାରରେ ସାହାଯ୍ୟ, ଈଶ୍ୱରଙ୍କ କାର୍ଯ୍ୟରେ ସାହାଯ୍ୟ, ଆମର ପ୍ରତିବାସୀ ସହିତ ଅଂଶୀଭାଗୀ ହେବା ଓ ସୃଷ୍ଟି ପ୍ରତି ଓ ଆମର ପରିବାର ପ୍ରତି ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ କରିବା ଦ୍ୱାରା ଆମର କୃତଜ୍ଞତାକୁ ପ୍ରକାଶ କରିପାରିବା ।

ବିନମ୍ରତା, ଧୈର୍ଯ୍ୟ, ପ୍ରେମ ଓ ଧନ୍ୟବାଦ ସହିତ ଆମର ବିଶ୍ୱାସର ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେଉ: ଆମ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ପୁନଃରାଗମନ।

କାନାଡା ଜିଲ୍ଲାର ପ୍ରେରିତ ଓ ବିଶପମାନଙ୍କ ସହିତ ଆମେ ଆପଣଙ୍କୁ ଏକ ପବିତ୍ର ଧନ୍ୟବାଦ ଅର୍ପଣ ଓ ଆପଣଙ୍କ ପରିବାର ଓ ମଣ୍ଡଳୀ ମଧ୍ୟରେ ଅତ୍ୟନ୍ତ ଆନନ୍ଦ ଓ ଶାନ୍ତି କାମନା କରୁଅଛୁ ।

ଆନ୍ତରିକତାର ସହିତ



ମାର୍କ ୱ୍ଲ

**Thanksgiving**
6 October 2024
Odia